# REGIONAL NEWS UNIT, AIR CUTTACK
## Evening Bulletin (6.45PM)
### 16 February - 2026

*********************************

## ମୁଖ୍ୟ ସମ୍ବାଦ

- କୃତ୍ରିମ ବୁଦ୍ଧିମତା ରୂପାନ୍ତରଣରେ ଭାରତ ବିଶ୍ୱର ପ୍ରମୁଖ ଦେଶଗୁଡ଼ିକ ମଧ୍ୟରେ ସ୍ଥାନିତ ହୋଇଛି; କହିଲେ ପ୍ରଧାନମନ୍ତ୍ରୀ

– ଭାରତ ଏ.ଆଇ. ପ୍ରଭାବ ପ୍ରଦର୍ଶନୀ-୨୦୨୬'କୁ କଲେ ଉଦ୍‌ଘାଟନ

- ଆସନ୍ତାକାଲିଠାରୁ ଆରମ୍ଭ ହେଉଛି ସପ୍ତଦଶ ବିଧାନସଭାର ବଜେଟ୍ ଅଧିବେଶନ

- ରତ୍ନଭଣ୍ଡାର ଗଣତି ମଣତି କାର୍ଯ୍ୟ ନେଇ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ

ଏବଂ

- ସି.ବି.ଏସ୍.ଇ. ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା ଆସନ୍ତାକାଲିଠାରୁ ହେବ ଆରମ୍ଭ

# ଏ.ଆଇ. ସମ୍ମିଳନୀ

କୃତ୍ରିମ ବୁଦ୍ଧିମତା ରୂପାନ୍ତରରରେ ଭାରତ ବିଶ୍ୱର ପ୍ରମୁଖ ଦେଶମାନଙ୍କ ମଧ୍ୟରେ ସ୍ଥାନିତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ‘ଭାରତ ଏ.ଆଇ. ପ୍ରଭାବ’ ସମ୍ମିଳନୀ-୨୦୨୬ରେ ଶ୍ରୀ ମୋଦୀ କହିଛନ୍ତି, ‘ସର୍ବଜନ ହିତାୟ, ସର୍ବଜନ ସୁଖାୟ’ ଦୃଷ୍ଟିକୋଣ ଆଧାରରେ ଏହି ସମ୍ମିଳନୀ ଆୟୋଜିତ ହେଉଛି। ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରଶାସନ ଏବଂ ଉଦ୍ୟୋଗ ଭଳି ଅନେକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତା ଆଧାରିତ ପରିବର୍ତ୍ତନ ହେଉଛି। ଏ.ଆଇ.ର ଦାୟିତ୍ୱପୂର୍ଣ୍ଣ ଉପଯୋଗ, ନବସୃଜନ ଏବଂ ସହଭାଗିତାକୁ ଏହି ସମ୍ମିଳନୀ ଏକ ବିଶ୍ୱସ୍ତରୀୟ ମଞ୍ଚ ପ୍ରଦାନ କରିବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଭାରତ କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିଛି। ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି, ଦୃଢ଼ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ଏବଂ ଅତ୍ୟାଧୁନିକ ଗବେଷଣା ଦ୍ୱାରା ଏହା ତ୍ୱରାନ୍ୱିତ ହୋଇଥିବା ସେ କହିଛନ୍ତି। ଏହି ଶିଖର ସମ୍ମିଳନୀର ନିର୍ଯାସ ଭବିଷ୍ୟତକୁ ଅଧିକ ଆଧୁନିକ, ନବସୃଜନଚାଳିତ ଏବଂ ସୁଯୋଗରେ ପରିପୂର୍ଣ୍ଣ କରିବ ବୋଲି ଶ୍ରୀ ମୋଦୀ କହିଛନ୍ତି।

‘ଭାରତ ଏ.ଆଇ. ପ୍ରଭାବ ସମ୍ମିଳନୀ-୨୦୨୬’ ଆଜିଠାରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏଥିରେ ବିଭିନ୍ନ ଦେଶର ଶୀର୍ଷ

ନେତୃତ୍ୱ, ଏ.ଆଇ. କ୍ଷେତ୍ରର ଅଂଶୀଦାର ଏବଂ ନୀତି ନିର୍ଦ୍ଧାରକ ପ୍ରମୁଖ ଏହି ସମ୍ମିଳନୀରେ ଯୋଗ ଦେଉଛନ୍ତି। ସମ୍ମିଳନୀ ଅବସରରେ ବିଭିନ୍ନ ପ୍ରସଙ୍ଗ ଆଧାରିତ ଆଲୋଚନା ବୈଠକ ଆୟୋଜିତ ହେବାର କାର୍ଯ୍ୟସୂଚୀ ରହିଛି। ଭାରତ ଏ.ଆଇ. ପ୍ରଭାବ ପ୍ରଦର୍ଶନୀ-୨୦୨୬କୁ ପ୍ରଧାନମନ୍ତ୍ରୀ ଆଜି ଉଦ୍‌ଘାଟନ କରିଛନ୍ତି।

Desk

# ସର୍ବଦଳୀୟ ବୈଠକ

ସପ୍ତଦଶ ବିଧାନସଭାର ଷଷ୍ଠ ତଥା ବଜେଟ୍ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି। ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ଏହି ଅଧିବେଶନ ଏପ୍ରିଲ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଧିବେଶନରେ ମୋଟ୍ ୨୮ଟି କାର୍ଯ୍ୟ ଦିବସ ରହିଛି। ଅଧିବେଶନର ପ୍ରଥମ ଦିବସରେ ଆସନ୍ତାକାଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ସମ୍ବୋଧନ କରିବେ।

ଅଧିବେଶନ ପୂର୍ବରୁ ଆଜି ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅଧିବେଶନକୁ ସୁରଖୁରୁରେ ସମ୍ପନ୍ନ କରିବା ନେଇ ବାଚସ୍ପତି ସମସ୍ତଙ୍କର ସହଯୋଗ ଲୋଡ଼ିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡା ଏବଂ ମୁକେଶ ମହାଲିଙ୍ଗ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ,

ବିରୋଧୀଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି...

**- V/O -**

ଆସନ୍ତା ବିଧାନସଭା ଅଧିବେଶନକୁ ସୁଚାରୁରୂପେ ଓ ସଫଳ ଭାବେ ପରିଚାଳନା କରିବା ପାଇଁ ସମସ୍ତ ଦଳର ସକାରାତ୍ମକ ସହଯୋଗ ଓ ସମନ୍ୱୟ ଏକାନ୍ତ ଅପରିହାର୍ଯ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେ ଆଜି ସନ୍ଧ୍ୟାରେ ବିଭିନ୍ନ ରାଜନୈତିକ ଦଳର ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଛି। ବଜେଟ୍ ଅଧିବେଶନ ପାଇଁ କମିଶନରେଟ୍ ପୁଲିସ୍ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ପୋଲିସ କମିଶନର ଏସ୍.ଦେବଦତ୍ତ ସିଂହ କହିଛନ୍ତି...

**- V/O -**

Desk

## ପ୍ରାଣୀ ସମ୍ପଦ ମେଳା

ଚାଷୀଙ୍କ ପରିଶ୍ରମର ଉଚିତ ମୂଲ୍ୟ ପ୍ରଦାନ କରିବା ପାଇଁ ସରକାର ସଦାସର୍ବଦା ଚେଷ୍ଟିତ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସମ୍ବଲପୁରଠାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାର ଉଦ୍‌ଘାଟନ କରି ଶ୍ରୀ

ପ୍ରଧାନ ଲାଭାର୍ଥୀଙ୍କୁ ବିଭିନ୍ନ ସରକାରୀ ଯୋଜନାର ସହାୟତା ରାଶି ହସ୍ତାନ୍ତର କରି କହିଛନ୍ତି, ସାଧାରଣ ଚାଷ ସହ ମତ୍ସ୍ୟ, ଦୁଗ୍ଧ ଏବଂ ଆନୁଷଙ୍ଗିକ ଚାଷକୁ ଏକ ଲାଭଜନକ ବ୍ୟବସାୟରେ ପରିଣତ କରିବା ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଧାନ ସଂଗ୍ରହ ପ୍ରକ୍ରିୟାକୁ ଅଧିକ ସରଳ କରିବା ପାଇଁ ଚାଷୀଙ୍କ ନିକଟରେ ଟୋକେନ୍ ପହଁଞ୍ଚାଇବା ଦିଗରେ ସରକାର ତତ୍ପରତାର ସହ କାର୍ଯ୍ୟ କରୁଛନ୍ତି। କୃଷି ସହ ଜିଲ୍ଲାର ଭିତ୍ତିଭୂମି ଓ ଗମନାଗମନ କ୍ଷେତ୍ରରେ ଆଗାମୀ ଦିନରେ ଏକ ବଡ଼ ପରିବର୍ତ୍ତନ ଆସିବାକୁ ଯାଉଛି। ସମ୍ବଲପୁରକୁ ଏକ ଆଧୁନିକ, ସ୍ୱଚ୍ଛ ଓ ବିକଶିତ ଜିଲ୍ଲା ଭାବେ ଗଢ଼ିତୋଳିବା ପାଇଁ ସମସ୍ତଙ୍କୁ ଆଗେଇ ଆସିବାକୁ କେନ୍ଦ୍ର ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

Puri

## ରତ୍ନଭଣ୍ଡାର ଗଣତି ମଣତି

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତିମଣତି କାର୍ଯ୍ୟ ଆରମ୍ଭ ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ି ଗଣତି ମଣତି ପ୍ରକ୍ରିୟାର ପୂର୍ବ ପ୍ରସ୍ତୁତି ସମ୍ପର୍କିତ ସମସ୍ତ ତଥ୍ୟ ଉପସ୍ଥାପନ କରିଛନ୍ତି। ଭିତର ଓ ବାହାର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଇତିମଧ୍ୟରେ ଶେଷ ହୋଇଛି। ଗଣତି ମଣତି ପାଇଁ ମାର୍ଗଦର୍ଶିକା ଶ୍ରୀମନ୍ଦିର

ପରିଚାଳନା କମିଟି ଦ୍ୱାରା ପ୍ରସ୍ତୁତ କରାଯାଇଛି। ସରକାରଙ୍କ ଅନୁମୋଦନ ପରେ ଏହାର ଆରମ୍ଭ ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ଶେଷ ଗଣତି ମଣତି ୧୯୭୮ ମସିହାରେ ହୋଇଥିଲା। ତେଣୁ ବର୍ତ୍ତମାନର ପ୍ରକ୍ରିୟା ଏହି ତାଲିକା ଆଧାରରେ ମେଳକ କରାଯାଇ ଅଳଙ୍କାରର ସମ୍ପୂର୍ଣ୍ଣ ତାଲିକା ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ହୋଇଛି। ସମ୍ପୂର୍ଣ୍ଣ ପ୍ରକ୍ରିୟାର ଫଟୋଗ୍ରାଫି ସହିତ ଡିଜିଟାଲ କାଟାଲଗ୍ ପ୍ରସ୍ତୁତ କରାଯିବ।

ଆଜିର ବୈଠକରେ ଆଗାମୀ ରଥଯାତ୍ରା ପ୍ରସ୍ତୁତି ନେଇ ମଧ୍ୟ ଆଲୋଚନା ହୋଇଛି। ରଥଯାତ୍ରା ପାଇଁ ଆବଶ୍ୟକ ପଡୁଥିବା ଫାସି ଏବଂ ଚନ୍ଦନକାଠକୁ ଦୃଷ୍ଟିରେ ରଖି ବନପ୍ରକଳ୍ପ ଜରିଆରେ ଚାରାରୋପଣ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ବହୁ ପ୍ରଶାସନିକ ବରିଷ୍ଠ ଅଧିକାରୀ ବୈଠକରେ ଯୋଗ ଦେଇଥିଲେ।

Desk

## ପ୍ରତିମୂର୍ତ୍ତି ଅନାବରଣ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଆଜି ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପ ପରିସରରେ ଓଡ଼ିଆ ସଂଗୀତ ଆକାଶର ଏକ ଅମ୍ଳାନ ନକ୍ଷତ୍ର, କିମ୍ବଦନ୍ତୀ ସଂଗୀତଜ୍ଞ ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଛନ୍ତି। ଓଡ଼ିଆ ସଂଗୀତ ଓ ସାହିତ୍ୟକୁ ସମୃଦ୍ଧ କରିବାରେ ତାଙ୍କର ଭୂମିକା ଅବିସ୍ମରଣୀୟ। ତାଙ୍କ କଣ୍ଠର ମଧୁର ସଂଗୀତ ଆଜି ବି

ପ୍ରତିଟି ଓଡ଼ିଆଙ୍କ ହୃଦୟରେ ଗୁଞ୍ଜରିତ ହେଉଛି ବୋଲି ଶ୍ରୀ ସୁରଜ କହିଛନ୍ତି ।

Desk

## ପ୍ରତିମୂର୍ତ୍ତି ଅନାବରଣ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଆଜି ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପ ପରିସରରେ ଓଡ଼ିଆ ସଂଗୀତ ଆକାଶର ଏକ ଅମ୍ଳାନ ନକ୍ଷତ୍ର, କିମ୍ବଦନ୍ତୀ ସଂଗୀତଜ୍ଞ ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଛନ୍ତି । ଓଡ଼ିଆ ସଂଗୀତ ଓ ସାହିତ୍ୟକୁ ସମୃଦ୍ଧ କରିବାରେ ତାଙ୍କର ଭୂମିକା ଅବିସ୍ମରଣୀୟ । ତାଙ୍କ କଣ୍ଠର ମଧୁର ସଂଗୀତ ଆଜି ବି ପ୍ରତିଟି ଓଡ଼ିଆଙ୍କ ହୃଦୟରେ ଗୁଞ୍ଜରିତ ହେଉଛି ବୋଲି ଶ୍ରୀ ସୁରଜ କହିଛନ୍ତି ।

Desk

## ସିବିଏସ୍ଇ ବୋର୍ଡ ପରୀକ୍ଷା

ସି.ବି.ଏସ୍.ଇ. ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା ଆସନ୍ତାକାଲିଠାରୁ ଆରମ୍ଭ ହେଉଛି । ଚଳିତ ବର୍ଷ ଭାରତ ସମେତ ୨୬ଟି ଦେଶର ୪୬ ଲକ୍ଷରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି । ସି.ବି.ଏସ୍.ଇ. ଦଶମ ଦୁଇଟି ବୋର୍ଡ ପରୀକ୍ଷା ନେଇ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ସ୍ପଷ୍ଟୀକରଣ ରଖାଯାଇଛି । ପ୍ରଥମ ବୋର୍ଡ ପରୀକ୍ଷାକୁ ଛାତ୍ରଛାତ୍ରୀଙ୍କ ପାଇଁ ବାଧ୍ୟତାମୂଳକ କରାଯାଇଛି । ପ୍ରଥମ ବୋର୍ଡ ପରୀକ୍ଷା ଦେଇଥିଲେ ଦ୍ୱିତୀୟ ବୋର୍ଡ ପରୀକ୍ଷା ପାଇଁ ଅନୁମତି ମିଳିବ । ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ, ଲାଙ୍ଗୁଏଜ୍

ପେପର୍ ମଧ୍ୟରୁ ତିନୋଟି ବିଷୟରେ ଅଧିକ ନମ୍ବର ପାଇଁ ଛାତ୍ରଛାତ୍ରୀ ଦ୍ୱିତୀୟ ବୋର୍ଡ ପରୀକ୍ଷା ଦେଇପାରିବେ। ପ୍ରଥମ ବୋର୍ଡରେ ତିନୋଟି ବା ତଦୁର୍ଦ୍ଧ୍ୱ ପେପର ନ ଦେଇଥିଲେ ଏ ନେଇ ଅନୁମତି ମିଳିବ ନାହିଁ। ପ୍ରଥମ ବୋର୍ଡ ପରୀକ୍ଷା ନ ଦେଇ ଏସେନ୍‌ସିଆଲ ଶ୍ରେଣୀଭୁକ୍ତ ହେଲେ ଆସନ୍ତାବର୍ଷ ବୋର୍ଡ ପରୀକ୍ଷା ଦେଇପାରିବେ ବୋଲି ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଛି।

Desk

## ଧାନ କ୍ରୟ

ଗଞ୍ଜାମ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୮୮ ପ୍ରତିଶତ ଧାନ କ୍ରୟ କରାଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ପକ୍ଷରୁ ମଣ୍ଡିଗୁଡ଼ିକର ସୁପରିଚାଳନା, ସୁବିଧାରେ ପଞ୍ଜୀକରଣ ସହ ତ୍ୱରିତ ଓ ସମୟୋଚିତଭାବେ ଚାଷୀମାନଙ୍କ ଖାତାକୁ ଆର୍ଥିକ ପ୍ରାବଧାନ ପହଁଞ୍ଚାଇବାକୁ ବିଭିନ୍ନ ସମୟ ଉପଯୋଗୀ ବ୍ୟବସ୍ଥା କରାଯାଇଛି। ଜିଲ୍ଲାରେ ମୋଟ ୫୪ ଲକ୍ଷ ୪୬ ହଜାର କୁଇଣ୍ଟାଲ ଧାର୍ଯ୍ୟ ଲକ୍ଷ୍ୟରୁ ୪୭ ହଜାର କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ଏହାସହ ଚାଷୀର ବ୍ୟାଙ୍କ ଖାତାକୁ ୧ ହଜାର ୫୫ କୋଟି ଅଧିକ ଟଙ୍କା ହସ୍ତାନ୍ତର ହୋଇଛି।

HS

## ଅଗ୍ନିଯୋଦ୍ଧା ପ୍ରଶିକ୍ଷାର୍ଥୀ

ଭୁବନେଶ୍ୱର ଅଗ୍ନିଶମ ଓ ବିପତ୍ତି ନିରାପତ୍ତା ନିସ୍ତାର ପ୍ରତିଷ୍ଠାନ ପରିସରରେ ୨୧ତମ ବ୍ୟାଚ୍‌ର ମୁଖ୍ୟ ଅଗ୍ନିଯୋଦ୍ଧା ପ୍ରଶିକ୍ଷାର୍ଥୀଙ୍କ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଯାଇଛି। କଠିନ ପରିଶ୍ରମ ଓ ଦକ୍ଷ ତାଲିମ

ପରେ ଅଗ୍ନିଯୋଦ୍ଧାରୁ ୧୮୩ ଜଣଙ୍କୁ ମୁଖ୍ୟ ଅଗ୍ନିଯୋଦ୍ଧାଙ୍କୁ ପଦୋନ୍ନତି ଦିଆଯାଇଛି। ତାଲିମ ସମୟରେ ସମସ୍ତଙ୍କୁ ରଥଯାତ୍ରା, ଅତ୍ୟାଧୁନିକ ଯନ୍ତ୍ରପାତିର ବ୍ୟବହାର, ଶିକ୍ଷା ପ୍ରଶିକ୍ଷଣ, ଅଗ୍ନି ନିରାପତ୍ତା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। କାର୍ଯ୍ୟକ୍ରମରେ ଅଗ୍ନିଶମ ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ ଯୋଗଦେଇ କହିଛନ୍ତି, ଶାରୀରିକ, ମାନସିକ ଭାବରେ ସୁସ୍ଥତା ଏକ ସଫଳ ଓ ସୁଦୃଢ଼ ଦକ୍ଷ ଅଗ୍ନି ଯୋଦ୍ଧାଙ୍କ ପାଇଁ ନିତ୍ୟାନ୍ତ ଆବଶ୍ୟକ।

Jajpur

## ସୁପୋଷଣ ଓଡ଼ିଶା ମିଶନ

ଯାଜପୁର ଜିଲ୍ଲାସ୍ତରୀୟ ସୁପୋଷଣ ଓଡ଼ିଶା ମିଶନ'ର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମିଶନର ରାଜ୍ୟସ୍ତରୀୟ ପ୍ରଶିକ୍ଷକ ହୃଦୟ ପ୍ରଦୀପ ଏଥିରେ ଯୋଗଦେଇ ମିଶନର ଲକ୍ଷ୍ୟ ଉପରେ ଆଲୋକପାତ କରିଛନ୍ତି। ଚଳିତ ବର୍ଷ ଶତକଡ଼ା ୮୦ ପ୍ରତିଶତ ଅଙ୍ଗନବାଡ଼ି କେନ୍ଦ୍ରକୁ ସୁପୋଷଣ କେନ୍ଦ୍ରରେ ପରିଣତ କରିବାକୁ ଶିବିରରେ ପରାମର୍ଶ ଦିଆଯାଇଛି।